ସେନାନାୟକ, 64, ସେନାବଳ ସୀମା ସୁରକ୍ଷା ବାହିନୀ ଗକୁଲନଗର

ବନାମ

ଶ୍ରୀ ଅର୍ଜୁନ ଦାସ ଏବଂ ଅନ୍ୟ ଜଣେ

ଅକ୍ଟୋବର 16,2006

[ଅରିଜିତ ପଶାୟତ ଏବଂ ଲୋକେଶ୍ୱର ସିଂ ପାନ୍ତା, ନ୍ୟାୟମୂର୍ତ୍ତିଦ୍ୱୟ]

*ସୀମା ସୁରକ୍ଷା ବାହିନୀର ଜଣେ ଅଧିକାରୀଙ୍କ ଦ୍ୱାରା ଚିନି ବସ୍ତା ଜବତ ଏବଂ ଏକ ଜିପ୍ ଚାଳକଙ୍କୁ ଗିରଫ- ନ୍ୟାୟିକ ଦଣ୍ଡାଧିକାରୀ କହିଥିଲେ ଯେ ସର୍ବସାଧାରଣ ରାସ୍ତାରେ ଚିନି ଜବତ କରିବାର କୌଣସି ଅଧିକାର BSFଙ୍କର ନଥିଲା, ତେଣୁ ସେ ଅଭିଯୁକ୍ତଙ୍କୁ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ ଏବଂ ମାମଲା ତଦନ୍ତ କରିବାକୁ BSFର କମ୍ପାନୀ ସେନାନାୟକଙ୍କୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି- ଉଚ୍ଚ ନ୍ୟାୟାଳୟର ଏକକ ନ୍ୟାୟମୂର୍ତ୍ତିଙ୍କ ଦ୍ୱାରା ଖାରଜ ହେବା ବିରୁଦ୍ଧରେ ଏହି ଆବେଦନ- ଆବେଦନରେ, ନିର୍ଣ୍ଣୟ ହୋଇଥିଲା : ନ୍ୟାୟିକ ଦଣ୍ଡାଧିକାରୀ ଦ୍ୱାରା ଦିଆଯାଇଥିବା ପର୍ଯ୍ୟବେକ୍ଷଣ ପ୍ରଥମ ଦୃଷ୍ଟିଗତରୁ ସ୍ଥାୟୀ ମନେ ହେଉନାହିଁ- ନ୍ୟାୟିକ ଦଣ୍ଡାଧିକାରୀଙ୍କୁ ଭାରତ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ବିଷୟ ଉପରେ ପ୍ରାସଙ୍ଗିକ ବିଜ୍ଞପ୍ତିକୁ ବିଚାର କରି ଶୀଘ୍ର ବିଚାର ସମାପ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।*

**ସ୍ୱତନ୍ତ୍ର ପ୍ରହରୀ ଦଳ ସହିତ BSFର ଅତିରିକ୍ତ ସେନାନାୟକ 31.12.1998 ରେ ସ୍ୱତନ୍ତ୍ର ଅପରେସନ କରିଥିଲେ ଏବଂ ଭାରତ-ବାଂଲାଦେଶ ସୀମା ନିକଟବର୍ତ୍ତୀ ଅଞ୍ଚଳରେ 44 ବସ୍ତାର ଚିନି ସହିତ ଏକ ଜିପ୍ ଅଟକାଇଥିଲେ । ଜିପ୍ର ଚାଳକ, ଉତ୍ତରଦାତା ସଂଖ୍ୟା 1ଙ୍କୁ ଜିପ୍‌ରେ ପରିବହନ ହେଉଥିବା ଚିନିର ଷ୍ଟକ୍ ଏବଂ ପରିବହନ ସମ୍ବନ୍ଧୀୟ କାଗଜପତ୍ର ଉପସ୍ଥାପନ କରିବାକୁ କୁହାଯାଇଥିଲା, କିନ୍ତୁ ସେ କାଗଜପତ୍ର ଉପସ୍ଥାପନ କରିପାରିଲେ ନାହିଁ । ଯେହେତୁ ଜବତ ସ୍ଥାନଟି ସୀମାଠାରୁ ଅଳ୍ପ ଦୂରରେ ଥିଲା, ତେଣୁ ଏହା ଅଧିକାରୀଙ୍କ ମନରେ ସନ୍ଦେହ ସୃଷ୍ଟି କରିଥିଲା ଯେ ଏହି ସାମଗ୍ରୀଗୁଡ଼ିକ ବାଂଲାଦେଶକୁ ଚୋରାଚାଲାଣ ପାଇଁ ଉଦ୍ଦିଷ୍ଟ ଥିଲା । ତେଣୁ ଅଧିକାରୀ ଉତ୍ତରଦାତା ସଂଖ୍ୟା 1ଙ୍କୁ ଗିରଫ କରିଥିଲେ ଏବଂ ଚିନି ବସ୍ତାଗୁଡ଼ିକୁ ଜବତ କରିଥିଲେ । ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ପୋଲିସକୁ ହସ୍ତାନ୍ତର କରାଯାଇଥିଲା ଏବଂ ଜବତ ହୋଇଥିବା ସାମଗ୍ରୀକୁ ସୀମା ଶୁଳ୍କ ନିରୀକ୍ଷକଙ୍କୁ ହସ୍ତାନ୍ତର କରାଯାଇଥିଲା । ଉତ୍ତରଦାତା ସଂଖ୍ୟା 1ଙ୍କୁ SDJMଙ୍କ ସମ୍ମୁଖରେ ହାଜର କରାଯାଇଥିଲା । SDJM, BSFର କାର୍ଯ୍ୟକଳାପକୁ ଗମ୍ଭୀରତାର ସହ ବିଚାରକୁ ନେଇଥିଲେ ଏବଂ କହିଥିଲେ ଯେ BSF କର୍ମଚାରୀମାନେ ସେମାନଙ୍କ ଅସ୍ତ୍ରଶସ୍ତ୍ର ସହିତ ଥିଲେ ଏବଂ ସେମାନେ ସମସ୍ତ**

ଆଇନଗତ ନିର୍ଦ୍ଦେଶକୁ ଅବମାନନା କରିଥାଇପାରନ୍ତି ଏବଂ ପୋଲିସ ସେମାନଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କରି ସେମାନଙ୍କ ପ୍ରତି ଅନୁଗ୍ରହ ପ୍ରଦର୍ଶନ କରୁଥିଲା ।ସେ ଅଭିଯୁକ୍ତମାନଙ୍କୁ ତୁରନ୍ତ ମୁକ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ଏବଂ **BSF**ର କମ୍ପାନୀ ସେନାନାୟକଙ୍କୁ ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ ।**SDJM** ଦ୍ୱାରା  ପାରିତ ଆଦେଶର ସଠିକତା ଉପରେ ପ୍ରଶ୍ନ ଉଠାଇ ଆବେଦନକାରୀ ଉଚ୍ଚ ନ୍ୟାୟାଳୟରେ ପୁନରୀକ୍ଷଣ ଆବେଦନ ଦାଖଲ କରିଥିଲେ ।ଉଚ୍ଚ ନ୍ୟାୟାଳୟର ଏକକ ନ୍ୟାୟମୂର୍ତ୍ତି ଏହି ଆବେଦନକୁ ଖାରଜ କରିଦେଇଥିଲେ ।ତେଣୁ ବର୍ତ୍ତମାନର ଆବେଦନ ।

ଆବେଦନକାରୀ ଯୁକ୍ତି ବାଢ଼ିଥିଲେ ଯେ **SDJM** ଦ୍ୱାରା ପାରିତ ଆଦେଶର କୌଣସି ଆଇନଗତ ମଞ୍ଜୁରୀ ନାହିଁ, କାରଣ ସେ ପ୍ରତିରକ୍ଷା ମନ୍ତ୍ରଣାଳୟ ଏବଂ ରାଜସ୍ୱ ବିଭାଗ ଦ୍ୱାରା ଜାରି କରାଯାଇଥିବା ବିଜ୍ଞପ୍ତିଗୁଡ଼ିକୁ ବିଚାରକୁ ନେବାରେ ବିଫଳ ହୋଇଥିଲେ, ଯାହା ଆସାମ ରାଜ୍ୟରେ **BSF** କର୍ମଚାରୀମାନଙ୍କ କାର୍ଯ୍ୟକାରିତା ସହିତ ଜଡିତ; ଏବଂ ନିର୍ଦ୍ଦିଷ୍ଟ **BSF** କର୍ମଚାରୀଙ୍କୁ ପ୍ରାସଙ୍ଗିକ ତଥ୍ୟ ବିଚାର ପାଇଁ ଉପସ୍ଥାପନ କରିବାର ସୁଯୋଗ ନ ଦେଇ, **SDJM** ଏହି ସିଦ୍ଧାନ୍ତରେ ପହଞ୍ଚିଲେ ଯେ ଜଣେ ନିର୍ଦ୍ଦୋଷ ବ୍ୟକ୍ତିଙ୍କୁ ବେଆଇନ ଭାବରେ ଅଟକ ରଖାଯାଇଥିଲା ।

ଉତ୍ତରଦାତାମାନେ ଦର୍ଶାଇଥିଲେ ଯେ **BSF** କର୍ମକର୍ତ୍ତାମାନେ ଯେଉଁଭଳି ଭାବରେ କାର୍ଯ୍ୟ କରୁଥିଲେ, ସେହିପରି କାର୍ଯ୍ୟ କରିବା ପାଇଁ ସେମାନଙ୍କର କୌଣସି କ୍ଷମତା ନଥିଲା ।

ଆବେଦନକୁ ଅନୁମତି ଦେଇ, ନ୍ୟାୟାଳୟ

ନିର୍ଣ୍ଣୟ କଲେ : ଯେହେତୁ ବିଚାର ଏପର୍ଯ୍ୟନ୍ତ ବିଚାରାଧୀନ ଅଛି, **SDJM** ଦ୍ୱାରା ନିଆଯାଇଥିବା ସିଦ୍ଧାନ୍ତ ଉପଯୁକ୍ତ ନଥିଲା । ଉତ୍ତରଦାତାଙ୍କ ଅଟକ ରଖିବା ଏବଂ/କିମ୍ବା **BSF** ସହକାରୀ ସେନାନାୟକଙ୍କ ନିଷ୍ପତ୍ତିକୁ ଏହି ପର୍ଯ୍ୟାୟରେ ବିଚାର ପ୍ରକ୍ରିୟାରେ ତଥାପି ପରୀକ୍ଷଣ କରିବାକୁ ଥିଲା । **SDJM** କେତେକ ପର୍ଯ୍ୟବେକ୍ଷଣ କରିଥିଲା, ଯାହାର ପ୍ରଥମ ଦୃଷ୍ଟିଗତ ସ୍ଥାୟୀ ବୋଲି ମନେ ହେଉନାହିଁ । ଏଗୁଡ଼ିକ ଏପରି ବିଷୟ ଯାହା ବିଚାରଧିନ ସମୟରେ ହିଁ ନିଷ୍ପତ୍ତି ହେବାର ଥିଲା । ଯେହେତୁ ଏହି ଘଟଣା ପ୍ରାୟ **7** ବର୍ଷ ପୁରୁଣା, ତେଣୁ ଏହି ମାମଲାର ବିଚାର ଯଥାଶୀଘ୍ର ସମ୍ଭବ ଶେଷ କରିବାକୁ **SDJM**ଙ୍କୁ ନିର୍ଦ୍ଦେଶ ଦେବା ଉପଯୁକ୍ତ ହେବ । ତଦନ୍ତ କରିବା ପାଇଁ ତାଙ୍କ

**ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶ ପାଳନ କରାଯିବ ନାହିଁ । ଆବେଦନକାରୀଙ୍କ ଦ୍ୱାରା ସୂଚିତ ଦୁଇଟି ବିଜ୍ଞପ୍ତିର ପ୍ରଭାବ ବିଚାର ସମୟରେ ଯଥାର୍ଥ ଭାବେ ବିଚାର କରାଯିବ । [254- E, F, G]**

ଅପରାଧିକ ଆବେଦନ ଅଧିକାରିତା:ଅପରାଧିକ ଆବେଦନ ସଂଖ୍ୟା 1056/2006 ।

ଅପରାଧିକ Rev. P. ସଂଖ୍ୟା 07/1999ରେ ତ୍ରିପୁରା ଉଚ୍ଚ ନ୍ୟାୟାଳୟ (ଅଗରତାଲା ବିଚାରପୀଠ)ର 24.3.2005 ର ଅନ୍ତିମ ଆଦେଶରୁ ।

ଆବେଦନକାରୀଙ୍କ ପକ୍ଷରୁ ଏ. ଶରଣ, A.S.G, କେ. ଅମରେଶ୍ୱରୀ, ରେଖା ପାଣ୍ଡେ ଏବଂ ସୁଷମା ସୁରୀ ।

ଉତ୍ତରଦାତାଙ୍କ ପକ୍ଷରୁ ଗୋପାଳ ସିଂ, ରତୁରାଜ ବିଶ୍ୱାସ ଏବଂ ନିଶାକାନ୍ତ ପାଣ୍ଡେ ।

ନ୍ୟାୟାଳୟର ରାୟ ପ୍ରଦାନ କରାଯାଇଥିଲା

**ନ୍ୟାୟାଧୀଶ ଅରିଜିତ ପଶାୟତ** ଅନୁମତି ପ୍ରଦାନ କରାଗଲା ।

ଏହି ଆବେଦନରେ ଆପତ୍ତି ହେଉଛି ଅଗରତାଲା ବିଚାରପୀଠ, ଗୌହାଟୀ ଉଚ୍ଚ ନ୍ୟାୟାଳୟର ଜଣେ ବିଜ୍ଞ ଏକକ ନ୍ୟାୟମୂର୍ତ୍ତିଙ୍କ ଦ୍ୱାରା ଦିଆଯାଇଥିବା ରାୟ । ଆକ୍ଷେପିତ ଆଦେଶ ଦ୍ୱାରା ଉଚ୍ଚ ନ୍ୟାୟାଳୟ ଦକ୍ଷିଣ ତ୍ରିପୁରାର ବେଲୋନିଆର ବିଜ୍ଞ SDJMଙ୍କ ଦ୍ୱାରା ତଦନ୍ତ ପାଇଁ ଦିଆଯାଇଥିବା ନିର୍ଦ୍ଦେଶକୁ ସମର୍ଥନ କରିଛନ୍ତି । ଏହି ପୁନରୀକ୍ଷଣ ଆବେଦନ ଦଣ୍ଡ ପ୍ରକ୍ରିୟା ସଂହିତା, 1973 (ସଂକ୍ଷେପରେ 'Cr.P.C') ଅଧୀନରେ ଦାୟର କରାଯାଇଥିଲା ।

ଆବେଦନକାରୀଙ୍କ ଦ୍ୱାରା ଉପସ୍ଥାପିତ ତଥ୍ୟଗତ ପୃଷ୍ଠଭୂମି ନିମ୍ନମତେ :-

BOP ରାଧାନଗରର ସ୍ୱତନ୍ତ୍ର ପ୍ରହରୀ ଦଳ ସହିତ BSFର ସହାୟକ ସେନାନାୟକ BOP ରାଜନଗର ଅଞ୍ଚଳରେ 31.12.1998 ତାରିଖର ଅପରାହ୍ନ ପ୍ରାୟ 5ଟା 50 ମିନିଟରେ ସ୍ୱତନ୍ତ୍ର ଅପରେସନ କରିଥିଲେ ଏବଂ TR-03-2031 ସଂଖ୍ୟା ବିଶିଷ୍ଟ ଗୋଟିଏ କମାଣ୍ଡର ଜିପ୍ କୁ ଅଟକାଇଥିଲେ, ଯେଉଁଥିରେ 44ଟି ବସ୍ତାରେ 22 କ୍ୱିଣ୍ଟାଲ ଚିନି ବୋଝେଇ କରାଯାଇଥିଲା, ପ୍ରତ୍ୟେକ ବସ୍ତାରେ 50 କିଲୋଗ୍ରାମର ଚିନି ଥିଲା । ଜିପ୍ ଚାଳକ ଅର୍ଥାତ୍ ଉତ୍ତରଦାତା ସଂଖ୍ୟା 1 କୁ ଜିପ୍ ରେ ନିଆଯାଇଥିବା ଚିନିର ଗଚ୍ଛିତ ଏବଂ ପରିବହନ ସମ୍ବନ୍ଧୀୟ କାଗଜପତ୍ର ଉପସ୍ଥାପନ କରିବାକୁ

କୁହାଯାଇଥିଲା, ଯେଉଁ ଜିନିଷଗୁଡିକ ଜିପ୍ ରେ ବହନ କରାଯାଉଥିଲା । କିନ୍ତୁ ଡ୍ରାଇଭର କହିଥିଲେ ଯେ ତାଙ୍କ ପାଖରେ କୌଣସି କାଗଜପତ୍ର ନଥିଲା ଏବଂ ଚିନିର ମାଲିକ କିଏ ଥିଲେ ବୋଲି ତାହା ଦେଖାଇବାରେ ଅସମର୍ଥତା ପ୍ରକାଶ କରିଥିଲେ । ସେ କହିଥିଲେ ଯେ ସେଠାରେ କିଛି ଅଜଣା ବ୍ୟକ୍ତି ତାଙ୍କୁ ତାଙ୍କ ଗାଡ଼ିରେ ଚିନି ବୋହିବାକୁ କହିଥିଲେ । ଯେଉଁ ସ୍ଥାନରେ ଗାଡ଼ିଟିକୁ ଅଟକାଯାଇଥିଲା, ତାହା ଭାରତ-ବାଂଲାଦେଶ ସୀମାଠାରୁ ପ୍ରାୟ 200 ଗଜ ଦୂରରେ ଥିଲା । ଯେହେତୁ ଜବତ ସ୍ଥାନଟି ସୀମାଠାରୁ ଅଳ୍ପ ଦୂରରେ ଥିଲା ଏବଂ ଚାଳକ ଦେଇଥିବା ଉତ୍ତର BSFର ସହାୟକ ସେନାନାୟକଙ୍କ ମନରେ ଦୃଢ଼ ବିଶ୍ୱାସ ସୃଷ୍ଟି କରିଥିଲା ଯେ ସାମଗ୍ରୀଗୁଡ଼ିକ ବାଂଲାଦେଶକୁ ଚୋରାକାରବାର ପାଇଁ ଉଦ୍ଦିଷ୍ଟ ଥିଲା, ଯେଉଁଠାରେ ଏହାର ବହୁତ ଚାହିଦା ଥିଲା, ତେଣୁ ସହାୟକ ସେନାନାୟକ ଉତ୍ତରଦାତାଙ୍କୁ ଗିରଫ କରିଥିଲେ ଏବଂ ଚିନି ଜବତ କରିଥିଲେ । ପରଦିନ ଅର୍ଥାତ୍ 1.1.1999 ତାରିଖ ସକାଳ ପ୍ରାୟ 10.00 ସମୟରେ ଗିରଫ ହୋଇଥିବା ବ୍ୟକ୍ତିଙ୍କୁ P.R. ବରି ପୋଲିସ ଷ୍ଟେସନକୁ ହସ୍ତାନ୍ତର କରାଯାଇଥିଲା ଏବଂ ଜବତ ହୋଇଥିବା ଜିନିଷଗୁଡିକ ବେଲୋନିଆର ସୀମା ଶୁଳ୍କ ନିରୀକ୍ଷକଙ୍କୁ ହସ୍ତାନ୍ତର କରାଯାଇଥିଲା, ଯିଏ ଲିଖିତ ଭାବରେ ରସିଦକୁ ସ୍ୱୀକାର କରିଥିଲେ । ଉତ୍ତରଦାତା ସଂଖ୍ୟା 1କୁ 2.1.1999ରେ ବିଜ୍ଞ SDJM, ବେଲୋନିଆଙ୍କ ସମ୍ମୁଖରେ ହାଜର କରାଯାଇଥିଲା, ଯିଏ ମାମଲା ସଂଖ୍ୟା 1/99 ଆରମ୍ଭ କରିଥିଲେ । ବିଜ୍ଞ SDJM ଦେଖିଥିଲେ ଯେ BSFର ନିର୍ଦ୍ଦେଶରେ ପୋଲିସ ଅଭିଯୁକ୍ତଙ୍କୁ ବିନା କୌଣସି କାରଣରେ ପଠାଇ ଦେଇଥିଲେ ।ସେ ଆହୁରି ମଧ୍ୟ କହିଛନ୍ତି ଯେ ଚିନି ବହନ କରିବା ଦଣ୍ଡନୀୟ ଅପରାଧ ନୁହେଁ ଏବଂ ସର୍ବସାଧାରଣ ରାସ୍ତାରେ ଚିନି ଜବତ କରିବା ପାଇଁ BSFର କୌଣସି ଅଧିକାର ନାହିଁ ଏବଂ କୌଣସି ଅପରାଧ ହୋଇଥିଲା ବୋଲି ନିଶ୍ଚିତ ନହୋଇ ପୋଲିସ BSFରୁ କୌଣସି ବ୍ୟକ୍ତିଙ୍କୁ ନେବା ଉଚିତ୍ ନୁହେଁ । ବିଜ୍ଞ SDJM, BSFର କାର୍ଯ୍ୟକଳାପକୁ ଗମ୍ଭୀରତାର ସହ ବିଚାର କରିଥିଲେ ଏବଂ କହିଥିଲେ ଯେ BSF କର୍ମଚାରୀମାନେ ସେମାନଙ୍କ ଅସ୍ତ୍ରଶସ୍ତ୍ର ସହିତ ଥିଲେ ଏବଂ ସେମାନେ ସମସ୍ତ ଆଇନଗତ ନିର୍ଦ୍ଦେଶକୁ ଅବମାନନା କରିଥାଇପାରନ୍ତି ଏବଂ ପୋଲିସ BSF କର୍ମଚାରୀଙ୍କ ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ କରି ସେମାନଙ୍କୁ ପ୍ରୋତ୍ସାହନ ଦେଉଥିଲା । ତୁରନ୍ତ ଅଭିଯୁକ୍ତଙ୍କୁ ମୁକ୍ତ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ । ସେ ସର୍ବସାଧାରଣ ରାସ୍ତାରେ ବେଆଇନ ଭାବେ ଚିନି ଜବତ କରିଥିବା BSF କର୍ମଚାରୀଙ୍କ ନାମ ଜାଣିବା ପାଇଁ P.R. ବରି, ପୋଲିସ ଷ୍ଟେସନକୁ ନିର୍ଦ୍ଦେଶ ଦେଇଥିଲେ, ଯାହା ତାଙ୍କ ମତରେ ବେଆଇନ ଥିଲା । ସେ ମଧ୍ୟ କମ୍ପାନୀ କମାଣ୍ଡର ବେଲୋନିଆ BSF, 68 Bn, BSFକୁ

ସର୍ବସାଧାରଣ ରାସ୍ତାରେ ଚିନି ଜବତ ବିଷୟରେ ତଦନ୍ତ ଏବଂ ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ବିଜ୍ଞ SDJMଙ୍କ ଦ୍ୱାରା ପାରିତ ଆଦେଶ ସଠିକତା ଉପରେ ପ୍ରଶ୍ନ ଉଠାଇ, ଆବେଦନକାରୀ ଗୌହାଟୀ ଉଚ୍ଚ ନ୍ୟାୟାଳୟରେ ପୁନରୀକ୍ଷଣ ଆବେଦନ ଦାଖଲ କରିଥିଲେ । ପ୍ରାଥମିକ ଆଭିମୁଖ୍ୟ ଥିଲା ଯେ ସୀମା ଶୁଳ୍କ ଅଧିନିୟମ, 1962 (ସଂକ୍ଷେପରେ 'ସୀମା ଶୁଳ୍କ ଅଧିନିୟମ') ଅନୁଯାୟୀ କୌଣସି ସୁଯୋଗ ନଦେଇ ଏବଂ BSF କାର୍ଯ୍ୟକର୍ତ୍ତାଙ୍କ କ୍ଷମତା ପରୀକ୍ଷା ନକରି BSF କର୍ମଚାରୀଙ୍କ ସମ୍ବନ୍ଧରେ ଏହି ଆଦେଶ ପାରିତ କରାଯାଇଥିଲା । ବିଜ୍ଞ ଏକକ ନ୍ୟାୟମୂର୍ତ୍ତି ଏହି ଆବେଦନକୁ ଖାରଜ କରି କହିଥିଲେ ଯେ ନ୍ୟାୟାଳୟ ଦ୍ୱାରା କେବଳ ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଅଛି ଏବଂ ଆବେଦନକାରୀ ଏପରି ଆଚରଣ କରିଛନ୍ତି ଯେ ସେ ଆଇନର ଊର୍ଦ୍ଧ୍ୱରେ ଅଛନ୍ତି ।

ଆବେଦନକାରୀଙ୍କ ପକ୍ଷରୁ ବିଜ୍ଞ ଅଧିବକ୍ତା ନିବେଦନ କରିଥିଲେ ଯେ ବିଜ୍ଞ SDJM ଦ୍ୱାରା ପାରିତ ଆଦେଶ ଆଇନରେ କୌଣସି ମଞ୍ଜୁରି ନାହିଁ । ଭାରତ ସରକାର, ପ୍ରତିରକ୍ଷା ମନ୍ତ୍ରଣାଳୟ, ରାଜସ୍ୱ ବିଭାଗ 20 ଡିସେମ୍ବର, 1969 ରେ ଏକ ବିଜ୍ଞପ୍ତି ଜାରି କରିଥିବା ତଥ୍ୟକୁ ବିଚାର ନକରି, 3.8.1974ରେ ଆହୁରି ବିଜ୍ଞପ୍ତି ଜାରି କରାଯାଇଥିଲା, ଯାହା ବିଜ୍ଞପ୍ତିରେ ସୂଚିତ ପ୍ରକୃତିର କାର୍ଯ୍ୟ କରିବା ପାଇଁ ଜାମ୍ମୁ କାଶ୍ମୀର, ପଞ୍ଜାବ, ଗୁଜରାଟ, ପଶ୍ଚିମବଙ୍ଗ, ଆସାମ ରାଜ୍ୟ ଏବଂ ତ୍ରିପୁରା କେନ୍ଦ୍ରଶାସିତ ଅଞ୍ଚଳରେ ନିୟୋଜିତ BSF କର୍ମଚାରୀଙ୍କ କାର୍ଯ୍ୟକାରିତା ସହିତ ଜଡିତ ଥିଲା । ନିର୍ଦ୍ଦିଷ୍ଟ BSF କର୍ମଚାରୀଙ୍କୁ ପ୍ରାସଙ୍ଗିକ ତଥ୍ୟ ଉପସ୍ଥାପନ କରିବାର ସୁଯୋଗ ନଦେଇ, ବିଜ୍ଞ SDJM ଏହି ଉପସଂହାର ପହଞ୍ଚିଲେ ଯେ ଜଣେ ନିର୍ଦ୍ଦୋଷ ବ୍ୟକ୍ତିଙ୍କୁ ବେଆଇନ ଭାବେ ଅଟକ ରଖାଯାଇଥିଲା । ଏହି ଆଦେଶ ପାରିତ ହେବା ସମୟରେ ବିଜ୍ଞ SDJMର ଏପରି ଆଦେଶ ପାରିତ କରିବାର କୌଣସି ଅଧିକାରିତା ନଥିଲା ।

ଅନ୍ୟପକ୍ଷରେ, ରାଜ୍ୟ ପକ୍ଷରୁ ବିଜ୍ଞ ଓକିଲ ଉପସ୍ଥାପନ କରିଥିଲେ ଯେ ଯେଉଁ ପ୍ରକାରେ କାର୍ଯ୍ୟ କରିଥିଲେ, ସେହି ପ୍ରକାରେ କାର୍ଯ୍ୟ କରିବା ପାଇଁ BSF କାର୍ଯ୍ୟକର୍ତ୍ତାଙ୍କ ପାଖରେ କ୍ଷମତାର ଅଭାବ ଥିଲା, ତେଣୁ, ବିଜ୍ଞ SDJM ଠିକ୍ ଭାବରେ ନିର୍ଦ୍ଦେଶ ଦେଇଥିଲେ ।

ଉତ୍ତରଦାତାଙ୍କ ପକ୍ଷରୁ ବିଜ୍ଞ ଅଧିବକ୍ତାଙ୍କ ଦ୍ୱାରା ଏହା ସ୍ୱୀକାର କରାଯାଇଛି ଯେ ବିଚାର ଏବେବି ବିଚାରାଧୀନ ରହିଛି । ତେଣୁ ବିଜ୍ଞ SDJM ଙ୍କ ଦ୍ୱାରା ନିଆଯାଇଥିବା ସିଦ୍ଧାନ୍ତଗୁଡ଼ିକ ଉପଯୁକ୍ତ

ନଥିଲା । ଉତ୍ତରଦାତାଙ୍କୁ ଅଟକ ରଖିବା ଏବଂ/କିମ୍ବା BSF ସହକାରୀ ସେନାନାୟକଙ୍କ ନିଷ୍ପତ୍ତିକୁ ଏହି ପର୍ଯ୍ୟାୟରେ ବିଚାର ପ୍ରକ୍ରିୟାରେ ତଥାପି ପରୀକ୍ଷଣ କରିବାକୁ ଥିଲା । ବିଜ୍ଞ SDJM କେତେକ ପର୍ଯ୍ୟବେକ୍ଷଣ କରିଥିଲେ, ଯାହାର ପ୍ରଥମ ଦୃଷ୍ଟିଗତ ସ୍ଥାୟୀ ବୋଲି ଦୃଶ୍ୟମାନ ନୁହେଁ, ଅର୍ଥାତ୍ ଚିନି ବହନ କରିବା ଦଣ୍ଡନୀୟ ଅପରାଧ ନୁହେଁ ଏବଂ/କିମ୍ବା BSFର ସର୍ବସାଧାରଣ ରାସ୍ତାରେ ଚିନି ଜବତ କରିବାର କୌଣସି ଅଧିକାର ନାହିଁ ।ଏଗୁଡ଼ିକ ଏପରି ବିଷୟ ଯାହା ବିଚାରରେ ହିଁ ନିଷ୍ପତ୍ତି ହେବାର ଥିଲା । ଯେହେତୁ ଏହି ଘଟଣା ପ୍ରାୟ 7 ବର୍ଷ ପୁରୁଣା, ତେଣୁ ଏହି ମାମଲାର ବିଚାର ଯଥାଶୀଘ୍ର ସମ୍ଭବ ଶେଷ କରିବାକୁ ବିଜ୍ଞ SDJMଙ୍କୁ ନିର୍ଦ୍ଦେଶ ଦେବା ଉପଯୁକ୍ତ ହେବ । ତଦନ୍ତ କରିବା ପାଇଁ ବିଜ୍ଞ SDJMଙ୍କ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶ ପାଳନ କରାଯିବ ନାହିଁ । ଆବେଦନକାରୀଙ୍କ ପକ୍ଷରୁ ବିଜ୍ଞ ଅଧିବକ୍ତାଙ୍କ ଦ୍ୱାରା ସୂଚିତ ଦୁଇଟି ବିଜ୍ଞପ୍ତିର ପ୍ରଭାବ ବିଚାର ସମୟରେ ଯଥାର୍ଥ ଭାବରେ ବିଚାର କରାଯିବ ।

ଦର୍ଶାଯାଇଥିବା ପରିସର ପର୍ଯ୍ୟନ୍ତ ଆବେଦନକୁ ଅନୁମତି ଦିଆଯାଇଛି ।

ଆବେଦନକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମା ରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର :**

ସୁମିତ୍ରା ସାହୁ ,ଅନୁବାଦିକା,

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।